# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 March – 2025**

# ମୁଖ୍ୟମନ୍ତ୍ରୀ–ଲୋକସେବା ଭବନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ସାଧାରଣ ଲୋକଙ୍କ ସୁବିଧାସୁଯୋଗକୁ ଦୃଷ୍ଟିରେ ରଖି ସ୍ଥାୟୀ ପରିବର୍ତ୍ତନ ଦିଗରେ ବିଜ୍ଞାନର ଉପଯୋଗ ହେବା ଆବଶ୍ୟକ । ଗତକାଲି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ ୨୦୨୩ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ବିଜ୍ଞାନ ଓ କାରୀଗରି କ୍ଷେତ୍ରରେ ଉନ୍ନତି କରି ଓଡ଼ିଶାକୁ ଅର୍ଥନୈତିକ ଓ ପ୍ରଗତିର ଶୀର୍ଷ ସ୍ଥାନରେ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ହେବା ଆବଶ୍ୟକ । ଆଗାମୀ ଦିନରେ ଜୈବ ପ୍ରଯୁକ୍ତି ବିଦ୍ୟାକୁ କ୍ଷେତ୍ରକୁ ଦୃଢ଼ କରିବା ଲାଗି ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ କରିଡର ନାମକ ପ୍ଲାଟଫର୍ମ ପ୍ରତିଷ୍ଠା ହେବ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରୀଗରି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିଜ୍ଞାନରେ ଯିଏ ଶକ୍ତିଶାଳୀ ହେବ ସେ ପ୍ରକୃତରେ ଶକ୍ତିଶାଳୀ ବୋଲି କହିଥିଲେ ।

## ପ୍ରଭାତି ପରିଡ଼ା

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଭାତି ପରିଡ଼ା ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବିଭାଗର ବ୍ୟୟବରାଦ ଗୃହରେ ମଞ୍ଜୁରୀ ଲାଗି ଆଗତ କରିଛନ୍ତି । ଏଥିରେ ୧୫ହଜାର ୨୨୨କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ ଆଗତ କରାଯାଇଥିବାବେଳେ ଯୋଜନା ଖର୍ଚ୍ଚ ବାବଦକୁ ୧୫ହଜାର ୧୯୩କୋଟି ଓ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୨୯ କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ କରାଯାଇଛି । ଶ୍ରୀମତୀ ପରିଡ଼ା କହିଛନ୍ତି ରାଜ୍ୟର ସମସ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଏବଂ ସମାଜରେ ସେମାନଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେ କହିଛନ୍ତି ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ୩୫୫ କୋଟି ଟଙ୍କାର ଆବଣ୍ଟନ ପାଇଁ ପ୍ରସ୍ତାବ ରଖାଯାଇଥିବାବେଳେ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ୧୭୬ କୋଟିରୁ ଅଧିକ ଟଙ୍କାର ଆବଣ୍ଟନ କରାଯାଇଛି ।

## ବନ୍ୟପ୍ରାଣୀ ବୋର୍ଡ ବୈଠକ

ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ସ୍ଥାୟୀ କମିଟିର ଦଶମ ବୈଠକ ଭୁବନେଶ୍ୱର ଖାରବେଳ ଭବନସ୍ଥିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମନ୍ତ୍ରୀ ତଥା ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ସ୍ଥାୟୀ କମିଟିର ଅଧ୍ୟକ୍ଷ ଗଣେଶ ରାମ ସିଂହ ଖୁଣ୍ଟିଆ ଏଥିରେ ଅଧ୍ୟକ୍ଷତା କରି କହିଛନ୍ତି ଜନକଲ୍ୟାଣ ଓ

ବିକାଶମୂଳକ କାର୍ଯ୍ୟରେ ଜଙ୍ଗଲ ବିଭାଗ ପ୍ରତିବନ୍ଧକ ହେବ ନାହିଁ । ଏହି ବୈଠକରେ ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ବଫର ଯୋନରେ ବିଏସ୍ଏନ୍ଏଲ୍ ଦ୍ୱାରା ୩୪ଟି ମୋବାଇଲ ଟାଓ୍ୱାର ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ।

## ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

କଳାହାଣ୍ଡି ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନ ପାଇଁ ନିୟୋଜିତ ସିଆର୍ପିଏଫ୍ର ୬୪ ବାଟାଲିୟନ ପକ୍ଷରୁ ଯୁଗସାହି ପାଟଣାଠାରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନକ୍ସଲ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସୁ-ସମ୍ପର୍କ ବୃଦ୍ଧି କରିବା ଏବଂ ଲୋକମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ ଦିଆଯାଇଥିଲା ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସୁବର୍ଣ୍ଣପୁର ଜିଲ୍ଲାର ୫୨ଜଣ ବରିଷ୍ଠ ନାଗରିକ ଆଜି ବାରାଣାସୀ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ୭ଟି ଜିଲ୍ଲାର ବରିଷ୍ଠ ନାଗରିକଙ୍କ ସହ ଆଜି ପୂର୍ବାହ୍ନରେ ଏହି ଯାତ୍ରା ଆରମ୍ଭ ହେବ । ଗତକାଲି ଜିଲ୍ଲାର ତୀର୍ଥଯାତ୍ରୀମାନେ ସମ୍ବଲପୁର ପାନ୍ଥ ନିବାସରେ ପହଞ୍ଚିଥିଲେ ।

## ସମବାୟ ଦିବସ

ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନରେ ସମବାୟ ଦିବସ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଜିଲ୍ଲାର ୧୩ଟି ଅଗ୍ରଣୀ ମହିଳା ଗୋଷ୍ଠୀଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା ।

## ଉଦନ୍ତୀ ମହୋତ୍ସବ

ନୂଆପଡା ଜିଲ୍ଲାରେ ଉଦନ୍ତୀ ମହୋତ୍ସବ ୨୦୨୫ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ସିନାପାଲୀ ଦୁର୍ଗା ମଣ୍ଡପରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ଓ ଛତର ବାହାରି ମା' ମହୁଲ ଗୋଛେନ ମନ୍ଦିର ଦେଇ ସହର ପରିକ୍ରମା କରିବା ପରେ ମହୋତ୍ସବ ମଞ୍ଚରେ ପହଞ୍ଚିଥିଲା । ଉଦ୍‌ଘାଟନୀ ଉତ୍ସବରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ଏହି ଉତ୍ସବ ପ୍ରାଚୀନ କଳା, ସାହିତ ଓ ସଂସ୍କୃତିର ମହାମିଳନ ବୋଲି କହିଥିଲେ ।

## କୃଷକ ଅଧିକାର ସୁରକ୍ଷା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭଦ୍ରକ ଜିଲ୍ଲା ରାଣୀତାଲ କୃଷକ ବିଜ୍ଞାନ କେନ୍ଦ୍ରଠାରେ କୃଷକ ଅଧିକାର ସୁରକ୍ଷା ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର,

ଭଦ୍ରକ ଓ ଯାଜପୁର ଜିଲ୍ଲାର ୨୦୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ଅଧିକାର ଓ ବୌଦ୍ଧିକ ସମ୍ପତ୍ତି ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାଅନୁଯାୟୀ ଆସନ୍ତା କାଲି ଯାଏଁ ରାଜ୍ୟର ଆଭ୍ୟନ୍ତରୀଣ ଓ ପଶ୍ଚିମ ଜିଲ୍ଲା ଗୁଡ଼ିକରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବ । କେତେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀରୁ ଉର୍ଦ୍ଧ୍ୱରେ ରହିବ ଏବଂ ଉପକୂଳ ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବାର ସମ୍ଭାବନା ରହିଛି । ଆଜି ୬ ଟି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି ସମବଲପୁର, ଝାରସୁଗୁଡା, ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ କଳାହାଣ୍ଡି । ଗତକାଲି ସର୍ବାଧିକ ତାପମାତ୍ରା ଝାରସୁଗୁଡାଠାରେ ୪୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ସମ୍ବଲପୁରରେ ୪୩ ଦଶମିକ ୬ ଓ ହୀରାକୁଦରେ ୪୧ ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି...

## **V/o**

# ଫେନସିଙ୍ଗ ପ୍ରତିଯୋଗିତା

ଜାତୀୟ ଫେନସିଙ୍ଗ ଉପକନିଷ୍ଠ ପ୍ରତିଯୋଗିତାରେ ଓଡ଼ିଶାର ଲିଖିତ କୁମର ବିଶ୍ୱାଳ ବ୍ରୋଞ୍ଜପଦକ ହାସଲ କରିଛନ୍ତି । ସେ ହରିୟାଣାର ଅଶ୍ୱିନୀ କୁମାରଙ୍କ ଠାରୁ ୧୨-୧୫ରେ ପରାସ୍ତ ହୋଇଛନ୍ତି । କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୨୬ତମ ଜାତୀୟ ଫେନସିଙ୍ଗ ଉପକନିଷ୍ଠ ପ୍ରତିଯୋଗିତାର ଅଷ୍ଟମ ଦିନରେ ହରିୟାଣା ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ଜିତିଛନ୍ତି ।